### ୨୧ରୁ ବନ୍ୟାଞ୍ଚଳ ଗସ୍ତ କରି ରିପୋର୍ଟ ସଂଗ୍ରହ କରିବ କଂଗ୍ରେସ

ଭୁବନେଶ୍ୱର,(ବ୍ୟୁରୋ): ସମ୍ପ୍ରତି ରାଜ୍ୟରେ ବନ୍ୟା ପରିସ୍ଥିତି ଯୋଗୁ ଲୋକେ ପାଣିଘେରରେ ଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ସହାୟତା ଦିଆଯାଇ ନାହିଁ ବୋଲି କଂଗ୍ରେସ ଅଭିଯୋଗ କରିଛି। ରାଜ୍ୟରେ ବନ୍ୟାଞ୍ଚଳର କ୍ଷୟକ୍ଷତି ଆକଳନ ପାଇଁ କଂଗ୍ରେସ ସ୍ଥିତି ଅନୁଧ୍ୟାନକାରୀ ଦଳ ଆସନ୍ତା ୨୧ରୁ ବନ୍ୟା କ୍ଷତିଗ୍ରସ୍ତ ଜିଲା ଗସ୍ତ କରିବେ। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏଥିପାଇଁ ଗଠିତ ରାଜ୍ୟସ୍ତରୀୟ କମିଟିର ବୈଠକ ବରିଷ୍ଠ ନେତା ପଞ୍ଚାନନ କାନୁନଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି।

# ପ୍ରିୟଙ୍କା ନ ହେଲେ ଦଳିତ ଚେହେରା

- ୨୧ରୁ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ
- ମଙ୍ଗ ଧରିବାକୁ ରାହୁଲଙ୍କ ଅନାଗ୍ରହ
- ଚର୍ଚ୍ଚାରେ ସୁଶୀଲ ଶିନ୍ଦେ, ମଲ୍ଲିକାର୍ଜୁନ ଖାର୍ଗେ



ପ୍ରିୟଙ୍କା ଗାନ୍ଧୀ ଭଦ୍ରା



ମଲ୍ଲିକାର୍ଜୁନ ଖାର୍ଗେ



ସୁଶୀଲ କୁମାର ଶିନ୍ଦେ

ନୂଆଦିଲ୍ଲୀ,୧୯।୮

କଂଗ୍ରେସ ଅଧ୍ୟକ୍ଷ ପଦ ପାଇଁ ଅଗଷ୍ଟ ୨୧ରୁ ସେପ୍ଟେମ୍ବର ୨୦ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ। କିନ୍ତୁ ପୁଣି ଥରେ ଦଳର ଅଧ୍ୟକ୍ଷ ହେବା ଲାଗି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କୌଣସି ଆଗ୍ରହ ଦେଖିବାକୁ ମିଳୁନାହିଁ। ଫଳରେ ଜଣେ ଅଣଗାନ୍ଧୀଙ୍କୁ କଂଗ୍ରେସ ଅଧ୍ୟକ୍ଷ କରାଇବାକୁ ଦଳର ରଣନୀତିକାର ଓ ବରିଷ୍ଠ ନେତାମାନେ ବିଚାର କରୁଥିବା ଜଣାପଡ଼ିଛି।

ବରିଷ୍ଠ କଂଗ୍ରେସ ନେତାମାନଙ୍କ ମତରେ ବର୍ତ୍ତମାନର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ନିଜ ବୟସ ଓ ସ୍ୱାସ୍ଥ୍ୟଗତ କାରଣରୁ ଆଉ ୫ ବର୍ଷ ପାଇଁ ଅଧ୍ୟକ୍ଷା ହେବାକୁ ଚାହିଁ ନ ପାରନ୍ତି, ଯାହାର ସଙ୍କେତ ସେ ୨୦୨୦ ଅଗଷ୍ଟ ୨୪ରେ ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ଦେଇଥିଲେ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ୨୦୧୭ ଡିସେମ୍ବର ୧୬ରୁ ୨୦୧୯ ଅଗଷ୍ଟ ୧୦ ପର୍ଯ୍ୟନ୍ତ ଦଳର ଅଧ୍ୟକ୍ଷ ଥିଲେ। ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ସେ ଏହି ପଦ ଛାଡ଼ିଥିଲେ। ଆସନ୍ତା ନିର୍ବାଚନରେ ଅଧିକାଂଶ ନେତା ତାଙ୍କୁ ପୁନର୍ବାର ଏହି ପଦରେ ଅବସ୍ଥାପିତ କରିବାକୁ ଚାହୁଁଛନ୍ତି। ହେଲେ ଗତ ଜୁନ୍‌ରେ ରାଜସ୍ଥାନର ଜୟପୁର ଚିନ୍ତନ ଶିବିରରେ ରାହୁଲ କଂଗ୍ରେସ ଅଧ୍ୟକ୍ଷ ହେବା ପରିବର୍ତ୍ତେ ଲୋକଙ୍କ ପାଖରେ ପହଞ୍ଚିବାକୁ ଚାହୁଁଥିବା ନେଇ ନିଜ ଅନୁଗତମାନଙ୍କୁ କହିଥିଲେ। କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ 'ଭାରତ ଯୋଡ଼ୋ ଯାତ୍ରା' କରିବାକୁ ରାହୁଲ ଉତ୍ସାହୀ ଥିବା ଦେଖିବାକୁ ମିଳିଛି। ପୂର୍ବରୁ ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ମଧ୍ୟ ଏଥିପ୍ରତି ଅନାଗ୍ରହ ପ୍ରକାଶ କରିଥିଲେ। ତେବେ ଏ.କେ. ଆଣ୍ଟୋନିଙ୍କ ଭଳି ବରିଷ୍ଠ ନେତାମାନେ ସୋନିଆଙ୍କୁ ଅଧ୍ୟକ୍ଷ ପଦରେ ରହିବାକୁ ବୁଝାଇବାରେ ସଫଳ ହୋଇଥିଲେ। ଆଗକୁ ଉଭୟ ସୋନିଆ ଓ ରାହୁଲ ସର୍ବପୁରାତନ ଦଳର ମୁଖ୍ୟ ହେବାକୁ ନ ଚାହିଁଲେ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଅଧ୍ୟକ୍ଷା କରାଇବାକୁ ବରିଷ୍ଠ ନେତାମାନେ ଉଦ୍ୟମ କରିପାରନ୍ତି। ତେବେ ପ୍ରିୟଙ୍କା ମଧ୍ୟ ପୂର୍ବରୁ ଏପରି କଳ୍ପନାଜଳ୍ପନାକୁ ଖଣ୍ଡନ କରିସାରିଛନ୍ତି। ଏଥିଲାଗି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଦଳିତ ଚେହେରା ସୁଶୀଲ କୁମାର ଶିନ୍ଦେ, ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କିମ୍ବା ଲୋକ ସଭାର ପୂର୍ବତନ ବାଚସ୍ପତି ମୈରା କୁମାରଙ୍କ ମଧ୍ୟରୁ ଜଣକୁ କଂଗ୍ରେସର ପରବର୍ତ୍ତୀ ଅଧ୍ୟକ୍ଷ କରିବା ପାଇଁ ବରିଷ୍ଠ ନେତାମାନେ ଚିନ୍ତା କରୁଛନ୍ତି। ସେହିପରି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ ସାଧାରଣ ସମ୍ପାଦକ ଜୟରାମ ରମେଶଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ବରିଷ୍ଠ ନେତ୍ରୀ ଅମ୍ବିକା ସୋନି ସ୍ୱାଧୀନତା ଦିବସରେ ଏଆଇସିସି ମୁଖ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିବା ପରେ ସେ ଏହା ମାଧ୍ୟମରେ ଭବିଷ୍ୟତ ପାଇଁ କିଛି ସନ୍ଦେଶ ଦେବାକୁ ଚାହିଁଥିବା ଆଲୋଚନା ହେଉଛି।

# ଯୁବ ବିଜେଡିର ସାଙ୍ଗଠନିକ ପୁନର୍ଗଠନ

- ରାଜ୍ୟରେ ୩ କାର୍ଯ୍ୟକାରୀ ସଭାପତି, ଜଣଙ୍କୁ ମହାସଚିବ ଦାୟିତ୍ୱ
- ୩ ବରିଷ୍ଠ ଉପସଭାପତି, ୭ ଜୋନ୍ ସଭାପତି, ୧୩ ଉପସଭାପତି
- ୪୬ ସାଧାରଣ ସମ୍ପାଦକ, ୬୩ ସମ୍ପାଦକ, ୨୩ ଯୁଗ୍ମ ସମ୍ପାଦକ
- ୩୫ ସାଙ୍ଗଠନିକ ଜିଲା ସଭାପତି ନିଯୁକ୍ତି

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

ବିଜୁ ଯୁବ ଜନତା ଦଳ ପକ୍ଷରୁ ରାଜ୍ୟସ୍ତରୀୟ ବିଭିନ୍ନ ପଦ ପଦବୀରେ ବହୁ ନେତାଙ୍କୁ ନୂଆ ନିଯୁକ୍ତି ଦିଆଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଦଳର ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଅବଗତ କରାଇଛନ୍ତି। ଦଳ ପକ୍ଷରୁ କାର୍ଯ୍ୟକାରୀ ସଭାପତି ଭାବେ ବୈକୁଣ୍ଠ ନାଏକ, ଶୁଭେନ୍ଦୁ ମଙ୍ଗରାଜ ଏବଂ ଧ୍ରୁତି ରଞ୍ଜନ ମାର୍ଥାଙ୍କୁ ନିଯୁକ୍ତି ମିଳିଛି। ଦଳ ମହାସଚିବ ଭାବେ ଏଲିନା ଦାସଙ୍କୁ ନିଯୁକ୍ତି ଦିଆଯାଇଛି।

ବରିଷ୍ଠ ଉପସଭାପତି ଭାବେ ୩ ଜଣ ଦାୟିତ୍ୱ ପାଇଥିବା ବେଳେ ୭ ଜୋନ୍ ସଭାପତି, ୧୩ ଉପସଭାପତି, ୪୬ ସାଧାରଣ ସମ୍ପାଦକ, ୬୩ ସମ୍ପାଦକ ଏବଂ ୨୩ ଯୁଗ୍ମ ସମ୍ପାଦକଙ୍କୁ ନିଯୁକ୍ତି ମିଳିଛି। ସେହିପରି ଦଳ ୩୫ଟି ସାଙ୍ଗଠନିକ ଜିଲାର ସଭାପତି ଏବଂ କେତେକ ସ୍ଥାନରେ କାର୍ଯ୍ୟକାରୀ ସଭାପତିଙ୍କୁ ନିଯୁକ୍ତ କରିଛି।

ଦଳ ବରିଷ୍ଠ ଉପସଭାପତି ଭାବେ ଜ୍ୟୋତ୍ସ୍ନାମୟୀ ପରିଡ଼ା, ସୁବାସ ଚନ୍ଦ୍ର ନାଏକ ଏବଂ ମଣ୍ଟୁ ନାୟକଙ୍କୁ ନିଯୁକ୍ତି ଦେଇଛି। ଭୁବନେଶ୍ୱର ଜୋନ୍ ସଭାପତି ଭାବେ ବିଜୟକେତନ ସାହୁ, କଟକରେ ସୁଭ୍ରାଂଶୁ ନାରାୟଣ ମିଶ୍ର, ଗଞ୍ଜାମରେ ନଚିକେତା ସ୍ୱାଇଁ, ବଲାଙ୍ଗୀରରେ ମଣିନନ୍ଦ୍ରା ମହାନ୍ତି, ସମ୍ବଲପୁରରେ ଦେବାଶିଷ ପରିଡ଼ା, କୋରାପୁଟରେ ତାପସ ତ୍ରିପାଠୀ, ବାଲେଶ୍ୱରରେ ଜୟରାମ ଦାସଙ୍କୁ ଦାୟିତ୍ୱ ମିଳିଛି। ଉପସଭାପତି ଭାବେ ଛବି ମହଲ, ସୋଫିଆ ଆଲମ, ସୁନୀଲ କୁମାର ମହାନ୍ତି, ସୌମ୍ୟ ଶଙ୍କର ଚକ୍ର, ସୁଭାଶିଷ ଖୁଣ୍ଟିଆ, ସୁନୀଲ ପଣ୍ଡା, ତାରିଣୀ ପ୍ରସାଦ ନାଏକ, ଶୁଭ୍ରଜିତ ପାଢ଼ୀ, ସୁଜିତ ପ୍ରସାଦ ଦ୍ୱିବେଦୀ, ଦିଲୀପ ସେନାପତି, ମାନଭଞ୍ଜନ ବେହେରା, ମିହିର ରଞ୍ଜନ ପରିଡ଼ାଙ୍କୁ ନିଯୁକ୍ତ କରାଯାଇଛି। ଅନ୍ୟପଟେ ସାଧାରଣ ସମ୍ପାଦକ ଭାବେ ଅମିତ ଅଗ୍ରୱାଲ, ବିଷ୍ଣୁପ୍ରସାଦ ଡେଙ୍ଗ, ବାଣୀ କଲ୍ୟାଣ ମହାନ୍ତି, କନିଷ୍କ ଜେନା, ମଧୁସ୍ମିତା ପରିଡ଼ା, ମଧୁସ୍ମିତା ନାଏକ, ଅପର୍ଣ୍ଣା ଦାସ, ଲଗ୍ନଦୀପ ମିଶ୍ର, ସୋନାଲି ପ୍ରିୟଦର୍ଶିନୀ, ମହେକସିତା ମିଶ୍ର, ମଳୟ ରଞ୍ଜନ ପତି, ଆଶିଷ ରଞ୍ଜନ ମିଶ୍ର, ଅବିନାଶ କୁମାର ପ୍ରଧାନ, ରଶ୍ମିରଞ୍ଜନ ଦାସ, ବାସୁଦେବ ଶାହା, ବିଭୂତି ପୁହାଣ, ଅଫ୍‌ତାବ ଆଲମ ଖାନ, ହୀରାଲାଲ ବେହେରା, ମନୋଜ ମହାନ୍ତି, ଶିବବ୍ରତ ଚମ୍ପତିରାୟ, ଅବ୍ୟକ୍ତ ହରିହର ଖାଡେଙ୍ଗା, ପାର୍ଥସାରଥି ମୁଦୁଲି, ଗଣେଶ ମହାପାତ୍ର, ଜଗତଜ୍ୟୋତି ପଟ୍ଟନାୟକ, ଅମିତ ମହାରାଣା, ରମେଶ ନାରାୟଣ ପ୍ରହରାଜ, ସତିଶ ବିଶି, ଅଞ୍ଜନ ବେଜ, ତ୍ରିଲୋଚନ ତରାଇ, ପ୍ରଦୀପ୍ତ ଭୂୟାଁ, ତାପସ ପାଣିଗ୍ରାହୀ, ସୁବାସ ସ୍ୱାଇଁ, ଅଂଶୁମାନ ରଶ୍ମି ସାଗର ସେଠୀ, ଦୀପକ ଜେନା, ପ୍ରିନ୍ସ ରାକେଶ ନାଏକ, ପ୍ରମୋଦ କୁମାର ପଣ୍ଡା, ଆଶିଷ କୁମାର ସାହୁ, ଅମରେନ୍ଦ୍ର ପ୍ରତାପ ସ୍ୱାଇଁ, ଦେବାଶିଷ ମଲ୍ଲିକ, କୁମାର ଜଗତ ବଲ୍ଲଭ ମହାରଥ, ସତ୍ୟବ୍ରତ ମହାନ୍ତି, ପିଲାସ୍କି କୁମାର ସ୍ୱାଇଁ, ଅନୱର ଅଲ୍ଲୀ, ଚିତ୍ତରଞ୍ଜନ ଦାସ, ପୃଥ୍ୱୀରାଜ ପଣ୍ଡା, ସତ୍ୟଜିତ ପଟ୍ଟନାୟକଙ୍କୁ ନିଯୁକ୍ତ କରାଯାଇଛି।

ସେହିପରି ସମ୍ପାଦକ ଭାବେ ରାଜଲକ୍ଷ୍ମୀ ବେହେରା, ସବ୍‌ନମ ବେଗମ, ଶିବାନୀ ସାହୁ, ଆଦ୍ୟାପର୍ଣ୍ଣା ସୁବୁଦ୍ଧି, ଷ୍ଟାଲିନ ପରିଜା, ଦୀପକ ସାହୁ, ସୌମ୍ୟରଞ୍ଜନ ତ୍ରିପାଠୀ, ଜଗମୋହନ ବଳିଆରସିଂ, କମଳାକାନ୍ତ ନାଏକ, ଅମରେନ୍ଦ୍ର ହାସା, ସମାପ୍ତ କୁମାର ମହାନ୍ତି, ଇମ୍ରାନ ଖାନ, ଅଜିତ ଜୋଷୀ, ମୁକୁନ୍ଦ ଗୌଡ଼ଙ୍କ ସମେତ ମୋଟ ୬୩ ଜଣ ନିଯୁକ୍ତି ପାଇଛନ୍ତି।

ଯୁଗ୍ମ ସମ୍ପାଦକ ଭାବେ ଚନ୍ଦ୍ରକାନ୍ତ ପ୍ରଧାନ, ସୌମ୍ୟ ସାର୍ଥକ ରାୟ, ରଜନୀକାନ୍ତ ମହନ୍ତ, ଅମର କୁଆଁର, ଦେବୀପ୍ରସାଦ ଦାସ, ଚିନ୍ମୟ ସାହୁ, ଅଜୟ ଅମାତଙ୍କ ସମେତ ମୋଟ ୨୩ ଜଣ ନିଯୁକ୍ତ ହୋଇଛନ୍ତି। ଯାଜପୁର ଜିଲା ସଭାପତି ଭାବେ ପ୍ରତାପ ମହାନ୍ତି, ସୋନପୁରରେ ଅଶୋକ ନନ୍ଦ, କଳାହାଣ୍ଡି ଆଦିତ୍ୟ ନନ୍ଦ, କୋରାପୁଟ ଲଲତ ରଞ୍ଜନ ସେଠୀ, ସୁନ୍ଦରଗଡ଼ ଦେବେନ୍ଦ୍ର ପ୍ରସାଦ ମାଝି, ଝାରସୁଗୁଡ଼ା ପ୍ରଶାନ୍ତ କୁମାର ଜେନା, ଗଜପତି ଏସ୍. ଲିଙ୍ଗାରାଜୁ, ଭଦ୍ରକ ମୁକୁନ୍ଦଦେବ ସାମଲ, ମାଲକାନଗିରି ଆଦାମ ରବା, ଦେଓଗଡ଼ ପ୍ରତାପ କୁମାର ଦେବ, ଢେଙ୍କାନାଳ ଧର୍ମେନ୍ଦ୍ର ପରିଡ଼ା, ଅନୁଗୋଳ ଦିନେଶ ପ୍ରଧାନ, ଖୋର୍ଦ୍ଧା ରାଜେଶ କୁମାର ପରିଡ଼ା, ବୌଦ୍ଧ ମୃତ୍ୟୁଞ୍ଜୟ ମିଶ୍ର, ବଲାଙ୍ଗୀର ରାଜେନ୍ଦ୍ର ପ୍ରସାଦ ହୋତା, ନୂଆପଡ଼ା ହରିଶ ଚନ୍ଦ୍ର ପଣ୍ଡା, କେନ୍ଦୁଝର ରାକେଶ ରାମ, ପୁରୀ ନାରାୟଣ ସ୍ୱାଇଁ, ନୟାଗଡ଼ ରମେଶ ଚନ୍ଦ୍ର ସାହୁ, ବରଗଡ଼ ପ୍ରଦ୍ୟୁମ୍ନ ତ୍ରିପାଠୀ, ସମ୍ବଲପୁର ଲକ୍ଷ୍ମୀପ୍ରସାଦ ମହାପାତ୍ର, କନ୍ଧମାଳ ବିଷ୍ଣୁଚରଣ ମଲ୍ଲିକ, ରାୟଗଡ଼ା ଦେବାଶିଷ ଖାଡେଙ୍ଗା, ନବରଙ୍ଗପୁର ଶିବାନନ୍ଦ ବିଶୋଇ, ଗଞ୍ଜାମ ଭବାନିକାନ୍ତ ସାହୁ, କେନ୍ଦ୍ରାପଡ଼ା ରାଜେଶ ଦାସ, ବାଲେଶ୍ୱର ତାପସ କୁମାର ପରିଡ଼ା, ଜଗତସିଂହପୁର ସୌମ୍ୟଜିତ ମହାପାତ୍ର, କଟକରେ ସ୍ମୃତିରଞ୍ଜନ ନାଏକ ସଭାପତି ଏବଂ ସିଦ୍ଧାର୍ଥ ରାଏଙ୍କୁ କାର୍ଯ୍ୟକାରୀ ସଭାପତି କରାଯାଇଛି। ସେହିପରି ମୟୂରଭଞ୍ଜ-୧ରେ ଅରୁଣ ବରାଦ, ମୟୂରଭଞ୍ଜ-୨ରେ ଅଭିଶେଷ ପଟ୍ଟନାୟକ, ଭୁବନେଶ୍ୱରରେ ସମରେଶ ବେଉରା, କଟକ ନଗରରେ ସୌମ୍ୟଦୀପ ଘୋଷ ସଭାପତି ଏବଂ ୱାଲିଦ ରଫିକ ପଟେଲ କାର୍ଯ୍ୟକାରୀ ସଭାପତି, ବ୍ରହ୍ମପୁର ସହରରେ ଅଜିତ କୁମାର ପଣ୍ଡା ଏବଂ ରାଉରକେଲାରେ ଅବିନାଶ ସୁମନ ବାଗେଙ୍କୁ ଯୁବ ଜନତା ଦଳ ସଭାପତି ଭାବେ ନିଯୁକ୍ତି ମିଳିଛି।

# ନୀତୀଶ କୁମାରଙ୍କୁ ବିଦେଶୀ ମହିଳାଙ୍କ ସହ ତୁଳନା କଲେ ଭାଜପା ନେତା



କୈଳାସ ବିଜୟବର୍ଗୀୟ

୧୯।୮: ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କୈଳାସ ବିଜୟବର୍ଗୀୟ ବିଦେଶରୁ ଭାରତ ଫେରିଛନ୍ତି। ସେ ଇନ୍ଦୋର ବିମାନ ବନ୍ଦରରେ ପହଞ୍ଚିବା ପରେ ସମର୍ଥକମାନେ ତାଙ୍କୁ ସ୍ୱାଗତ କରିଥିଲେ। ଏଠାରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ବିଜୟବର୍ଗୀୟ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସେ ବିହାର ରାଜନୈତିକ ପରିବର୍ତ୍ତନକୁ ନେଇ ନିଜ ମତ ଦେଇଥିଲେ। ସେ କହିଛନ୍ତି, ମୁଁ ବିଦେଶରେ ଥିବାବେଳେ ମୋତେ ଜଣେ ପରିଚିତ ବ୍ୟକ୍ତି କହିଲେ, ଏଠିକାର ମହିଳା ଯେ କୌଣସି ସମୟରେ ତାଙ୍କ ବୟଫ୍ରେଣ୍ଡ ବଦଳେଇ ଦିଅନ୍ତି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଠିକ ସେହିଭଳି। ସେ କେତେବେଳେ କାହାକୁ ଧରିବେ ଆଉ ଛାଡିବେ ତାହା ଜଣାପଡେ ନାହିଁ। ଏଥିସହ ମଧ୍ୟପ୍ରଦେଶପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥଙ୍କୁ ମଧ୍ୟ ଟାର୍ଗେଟ ସେ କରିଥିଲେ। ରାଜ୍ୟରେ କଂଗ୍ରେସକୁ କ୍ଷମତାକୁ ଆସିବାର ଦାବି ସମ୍ପର୍କରେ ବିଜୟବର୍ଗୀୟ କହିଛନ୍ତି, କମଲ ଜୀଙ୍କର ବୟସ ୭୫ ଅତିକ୍ରମ କରିଛି। ତାଙ୍କ କଥାକୁ ଗମ୍ଭୀରତାର ସହ ଗ୍ରହଣ କରାଯିବା ଉଚିତ ନୁହେଁ।

## ୨ ମାସରେ କିଷାନ କଂଗ୍ରେସକୁ ସୁଦୃଢ଼ କରାଯିବ: ଶରତ

ଭୁବନେଶ୍ୱର, ୧୯।୮(ବ୍ୟୁରୋ): କେନ୍ଦ୍ରରେ ଭାଜପା ଏବଂ ରାଜ୍ୟରେ ବିଜେଡି ଶାସନ କାଳରେ ଚାଷୀ ସବୁଠୁ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଣିକି ଚାଷୀକୁଳ ଆଉ ସରକାରଙ୍କ କୃଷକମାରଣ ନୀତିକୁ ବରଦାସ୍ତ କରିବେ ନାହିଁ। ଗାଁ ଗଣ୍ଡାରେ ଚାଷୀ ମେଳି ଦୁର୍ବାର ରୂପ ନେବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ପ୍ରଦେଶ କିଷାନ କଂଗ୍ରେସର ରାଜ୍ୟସ୍ତରୀୟ ଚିନ୍ତନ ଶିବିରରେ ଯୋଗଦେଇ ଶରତ କହିଛନ୍ତି, ଆସନ୍ତା ୨ ମାସ ମଧ୍ୟରେ ଗ୍ରାମାଞ୍ଚଳରୁ କିଷାନ କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରାଯାଇ ପରବର୍ତ୍ତୀ ସମୟରେ ଏକ ବିଶାଳ ଚାଷୀ ସମାବେଶ ହେବ। ଏହି ଅବସରରେ ଅଖିଳ ଭାରତ କିଷାନ କଂଗ୍ରେସ ଅଧ୍ୟକ୍ଷ ସୁଖପାଲ ସିଂ ଖେରା ଯୋଗଦେଇ କହିଛନ୍ତି, ଓଡ଼ିଶାର ଚାଷୀ ଚାଷ ଛାଡି ରାଜ୍ୟ ବାହାରେ ଦାଦନ ଖଟୁଛନ୍ତି। ଆସନ୍ତା ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ପ୍ରତି ଜିଲାରେ କିଷାନ କଂଗ୍ରେସ ପକ୍ଷରୁ ଜିଲାସ୍ତରୀୟ କିଷାନ ଚିନ୍ତନ ଶିବିର ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।


## Government of Odisha
## Higher Education Department

### Revised Datelines for Common PG Admission-2022 for State Public Universites and Colleges

No. N-34: Datelines for Common P.G. Admission - 2022 for State Public Universities and Colleges with P.G. Courses under project Student Academic Management System (SAMS) have been extended as given below. Any change in the dateline will be published in the newspapers as well as in the website **www.samsodisha.gov.in**.

| Sl # | Activities | Extended Timeline |
|---|---|---|
| 1) | Handling over the entrance marks to OCAC by the Entrance Exam Conducting University | 22 August 2022 |
| 2) | Up-dation of Graduation/Equivalent marks by the applicant upto | 28 August 2022 |
| 3) | Publication of Subject-wise State-wide merit list | 05 Sept. 2022 (4.00 P.M.) |
| 4) | Choice filling by eligible applicants | 05 Sept. 2022 to 11 Sept. 2022 |
| 5) | Provisional Allotment of Seats **(First Round)** | 15 Sept. 2022 (4.00 P.M.) |
| 6) | Reporting and admission of the 1st Round applicants | 16 Sept. 2022 & 17 Sept. 2022 |
| 7) | Up-dation of Slide-Up Option Form online only by the students taken admission out of 1st Round Merit List | 19 Sept. 2022 (3.00 P.M.) |
| 8) | Final data up-dation in the e-Space of the applicants who took admission during the **First Round** | 19 Sept. 2022 (7.00 P.M.) |
| 9) | Provisional Allotment of Seats **(Second Round)** | 23 Sept. 2022 (2.00 P.M.) |
| 10) | Reporting and admission of the 2nd Round applicants | 24 Sept. 2022 & 25 Sept. 2022 (5.00 P.M.) |
| 11) | Data updation in the e-Space of the students, admitted from the 2nd Round Merit List by the respective institutions | 26 Sept. 2022 (5.00 P.M.) |
| 12) | **Publication of Vacant Seats at SAMS website** | 29 Sept. 2022 |
| 13) | Publication of Spot Merit List | 10 Oct. 2022 (4.00 P.M.) |
| 14) | Reporting of candidates for Spot Admission at the Institutions | 11 Oct. 2022 & 12 Oct. 2022 (2.00 P.M.) |
| 15) | Up-dation of the selected candidate's name by the HEIs, out of the reported candidates for Spot selection | 13 Oct. 2022 (5.00 P.M.) |
| 16) | Publication of Final selected Spot Merit List for admission | 14 Oct. 2022 (12.00 Noon) |
| 17) | Admission and Data updation of the admitted candidates from Spot Merit List | 15 Oct. 2022 to 17 Oct. 2022 |
| 18) | Collection of Admission Fees at the respective HEIs (After completion of e-Admission Process for the Session 2022-23) | Dates will be notified by the Higher Education Department later. |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

OIPR-11001/11/0017/2223 — Sd./- Deputy Director, PTC Section

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

**NATIONAL COMPETITIVE BIDDING THROUGH e-Procurement**

No. O-844 — **Bid Identification No. Online Tender / 33-2022-23/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 33-2022-23/BPR | Buildings Works | 01 No. | Rs.623.61 lakhs | "Special" Class & "Super" Class as applicable | 18 (Eighteen) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding From | To |
|---|---|---|---|
| Chief Construction Engineer, R.W. Circle, Berhampur | Online Tender / 33-2022-23/BPR | 22.08.2022 at 10.00 A.M. | 05.09.2022 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha. But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in**.

OIPR-25071/11/0059/2223 — Sd./- Chief Construction Engineer, R.W. Circle, Berhampur

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 514 OF 2019**

UNITED BANK OF INDIA, CDS BRANCH, SAMBALPUR ...Applicant
AND
M/S. Genuine Systems & OTHERS ...Defendants.

To
1. **M/S. Genuine Systems,** Represented through its Proprietor: Swadhin Panda, Jyoti Market Complex, Ainthapali, Budharaja, Sambalpur- 768004, Odisha.
2. **Sri Swadhin Panda,** aged about 37 Year, S/o.: Sri Sushil Kumar Panda, Prop: Genuine Systems, Jyoti Market Complex, Ainthapali, Budharaja, Sambalpur- 768004, Odisha.
3. **Sri Sushil Kumar Panda,** aged about 68 years, S/o.: Late Baidyanath Panda, At: Qr. No.: D/1, Labour Colony, Modipara, Town & Dist.: Sambalpur- 768003, Odisha.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 514/2019** in the court of the Debts of Recovery Tribunal, Cuttack for recovery of **Rs.28,13,205.60** Paise only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **27.09.2022 at 10.30 a.m.** as to why reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **31st day of Aug 2022**

**Sd/- (M. K. Patnaik)**
**REGISTRAR**

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA.**
**O.A. No. 243 of 2022**

Branch Manager, Punjab National Bank, Jhirpani Branch ...Applicant
Versus
M/s Aroon Enterprises & others. ...Defendant(s)

To
1) **M/s. Aroon Enterprises,** Prop: Mr. Manas Murli, S/o.: N. Jagannedham, At: Shop No.: 3, Big Market, Sector-20, Rourkela, Dist.: Sundargarh- 769005.
2) **Smt N. Mina,** W/o.: Mr. N. Manas Murli, At: B-96, Sector-6, Rourkela, Dist.: Sundargarh, Pin- 769002

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted an **O.A. No. 243 of 2022** in the court of the Debts of Recovery Tribunal, Cuttack for recovery of **Rs.25,91,619.75** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **16.09.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **02nd day of Aug 2022**

**Sd/- (M. K. Patnaik)**
**REGISTRAR**

## Government of Odisha "e" Procurement Notice
## WORKS DEPARTMENT

**Bid Identification No. C.C.E.K.C., Keonjhar No. 16 / 2022-23**
**e-mail:ccekeonjharpwdcircle@gmail.com / sekcpwd_keonjhar@yahoo.com**
**No.B-489: Letter No.3574, Dt.16.08.2022**

1. Name of the work : Construction of 300 Seated Girls Hostel of Government Autonomous College, Rourkela for the year 2022-23
2. Estimated cost : Rs.669.34 Lakhs
3. Period of completion : 11 (Eleven) Calendar Months
4. Date and Time of availability of Bid document in the portal : From 11.00 Hours of 24.08.2022 to 16.00 Hours of 08.09.2022.
5. Last date / Time for receipt of bids in the portal : 16.00 Hours of 08.09.2022
6. Date of opening of Bid from Portal : 11.30 Hours on 09.09.2022
7. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal "http://tendersodisha.gov.in"

**Sd./- Chief Construction Engineer, Keonjhar (R&B) Circle,Keonjhar**
OIPR-34033/11/0025/2223

## OFFICE OF THE EXECUTIVE ENGINEER P.H. DIVISION, ANGUL

**Ph. (06764) 296431, Email-eephangul@yahoo.in**
**GOVERNMENT OF ODISHA**
**No.C-1017: e-Procurement Notice for PH Works**
**Bid Identification No.EEPH Division Angul- 05/2022-23 dt.10.08.2022**

| Sl. No. | Name of the work | Estimated cost (Approx) |
|---|---|---|
| 1 | Construction of 2.00 lakh ltr capacity x 25 mtr staging RCC ESR with ancillary works at Anandnagar pump House, Dhenkanal under Central Assistance Scheme 2022-23 | Rs.67.84 lakh |
| 2 | Construction of 3 lakh ltr capacity RCC ESR of 25 Mtr Staging with ancillary works at Town planning of Dhenkanal Municipality under Central Assistance Scheme 2022-23 | Rs.788.38 lakh |
| 3 | Construction of 3 lakh .ltr capacity RCC ESR of 25 mtr .Staging with ancillary works at backside of Baji Rout ITI of Dhenkanal Municipality under Central Assistance Scheme 2022-23. | Rs.778.33 lakh |

1. Date & time of availability of bid document in the portal : 11.00 Hrs. of dt.22.08.2022 to 17.30 Hrs. of dt.06.09.2022
2. Last date /time of receipt of bids in the portal : 06.09.2022 upto 17.30 Hrs.
3. Date & time of opening of bids : 07.09.2022 at 12.30 Hrs.
4. Name and address of the Officer Inviting Bid : The Executive Engineer P.H.Division, Angul Angul-759122, Odisha Ph.(06764) 296431 Email:eephangul@yahoo.in

Further details can be seen from the website www.tendersorissa.gov.in.

**Sd./-(Er.Bilash Kumar Behera)**
**Executive Engineer, P.H.Division, Angul**
OIPR-13056/11/0003/2223

## OFFICE OF THE COLLECTOR & DISTRICT MAGISTRATE, ANGUL

**(ST & SC Development Section)**
**Ph.No.- 8917496586, E-mail- angdwo@gmail.com**
**No.1381/Date 19.08.2022**

**Notice for Written Examination for Initial Appointee Teachers Recruitment Test-2022**

The Application received with reference to this Office Advertisement No. 2154 dt.29.12.2021 and Corrigendum No. 700 dt.06.05.2022 for Initial Appointee Teachers is scrutinized. The eligible list and rejected list are published herewith (in the district website www.angul.nic.in) for information of all concerned.

The eligible applicants are informed to appear Written Examination for their category of post on 28.08.2022 (Sunday) from 10.30 A.M. to 12.00 Noon at PTC Nodal High School, Angul. The Admit Card are issued through Regd. Post/ Speed Post to the applicants in their corresponding address as submitted by them at the time of submitting applications. If any eligible candidates has not received his / her Admit Card by 25.08.2022, they are requested to contact over Phone (9776622557 / 8917496586) this office on 26.08.2022 to obtain duplicate Admit Card.

Besides, the candidates can visit to district website www.angul.nic.in from time to time to update themselves on important instruction relating to recruitment test of Initial Appointee Teachers.

**Sd./- District Welfare Officer, Angul**

## OFFICE OF THE SUPERINTENDING ENGINEER, RURAL WORKS DIVISION, BALLIGUDA

No. O-842: rw_balliguda@yahoo.com, Tel.: 06846-243114

**Government of Odisha, e-Procurement Notice**

**Bid Identification No. Onliner Tender/04/SERWD BLG/2022-23**
**Letter No. 3470//RWDBLG** — **Date: 17.08.2022**

| | | | |
|---|---|---|---|
| 1 | Name of the work | : | Road Works |
| 2 | Estimated Cost | : | Rs.37.28 lakh |
| 3 | Period of Completion | : | 6 (Six) Calendar Months as per Annexure |
| 4 | Date & time of availability of bid documents in the portal | : | From 22.08.2022 at 10.00 A.M. to 29.08.2022 upto 5.00 P.M. |
| 5 | Last Date/time for receipt of Bids in the portal | : | 29.08.2022 upto 5.00 P.M. |
| 6 | Name and address of the Officer Invting Bid | : | Superintending Engineer, Rural Works Division, Balliguda |

Further details can be seen from the e-procurement portal website **https://www.tendersodisha.gov.in**.

**Sd./- Superintending Engineer**
**Rural Works Division, Balliguda**
OIPR-25164/11/0006/2223

# ସଂକ୍ଷେପରେ

## ଡେଙ୍ଗୁ ରୋଗୀ ଚିହ୍ନଟ

ବ୍ରହ୍ମପୁର ଅଫିସ, ୧୯।୮: ଗଞ୍ଜାମ ଜିଲାରେ ଦିନକୁ ଦିନ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଛତ୍ରପୁର ବ୍ଲକ ଅଧୀନ ଚମାଖଣ୍ଡିର ୩୨ ବର୍ଷର ଯୁବକଙ୍କୁ ଜ୍ୱର ଲାଗି ରହିଥିଲା। ତାଙ୍କର ଡେଙ୍ଗୁ ପରୀକ୍ଷା ପରେ ଶୁକ୍ରବାର ତାଙ୍କର ନମୁନା ପଜିଟିଭ ଆସିଛି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଡେଙ୍ଗୁ ଆକ୍ରାନ୍ତ ଜଣଙ୍କ ନିଜ ଗାଁରେ ରହୁଥିବା ବେଳେ ସେ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ ଜାଣିବାକୁ ପାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ୱାଭାବିକ ରହିଥିବା ଜଣାପଡ଼ିଛି। ଅନ୍ୟପଟେ ଜିଲାରେ ଶୁକ୍ରବାର ଡେଙ୍ଗୁ ଆକ୍ରାନ୍ତ ରୋଗୀଙ୍କୁ ମିଶାଇ ଏଯାବତ ୧୧ ଜଣ ଚିହ୍ନଟ ହୋଇ ସାରିଲେଣି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିଯୁକ୍ତି ସହାୟକ କେନ୍ଦ୍ରର ଦକ୍ଷତା ବିକାଶ ୱେବିନାର

ବ୍ରହ୍ମପୁର ଅଫିସ,୧୯।୮: ବ୍ରବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିଯୁକ୍ତି ସହାୟକ କେନ୍ଦ୍ର ଓ ବେଙ୍ଗାଲୁରର ହାୟର ମି କମ୍ପାନୀ ମିଳିତ ଆନକୂଲ୍ୟରେ ଶୁକ୍ରବାର ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ମକ୍ଷେତ୍ରରେ ନିଯୁକ୍ତି ନିମନ୍ତେ ଆବଶ୍ୟକ ଦକ୍ଷତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବହୁ ଉପାଦେୟ ତଥ୍ୟ ପ୍ରଦାନ କରାଯାଇଥିଲା । ଏଥିରେ ନିଯୁକ୍ତି ସହାୟକ କେନ୍ଦ୍ର ସଂଯୋଜକ ଡ.ସୁମନ କଲ୍ୟାଣ ଚୌଧୁରୀ ଅଧକ୍ଷତା କରିଥିଲେ। ଶୁଭ ମହନ୍ତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟ ଏମ୍‌ବିଏ ବିଭାଗ ମୁଖ୍ୟ ଡ.ନୀହାର ରଞ୍ଜନ ମିଶ୍ର ଓ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଡ.ପ୍ରସନ୍ନ କୁମାର ଦୀକ୍ଷିତ ଉପସ୍ଥିତ ଥିଲେ।

## ଚୁକ୍ତିଭିତ୍ତିକ କର୍ମଚାରୀଙ୍କ କଳା ବ୍ୟାଜ ପରିଧାନ




କୋଟଗଡ, ୧୯।୮(ଡି.ଏନ.ଏ.): ଓଡ଼ିଶାରୁ ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ପୂର୍ଣ୍ଣ ଉଚ୍ଛେଦ ଦାବିରେ କନ୍ଧମାଳ ଜିଲାର ସମସ୍ତ ଚୁକ୍ତିଭିତ୍ତିକ କର୍ମଚାରୀ ଶୁକ୍ରବାର ୪ର୍ଥ ଦିନରେ କଳାବ୍ୟାଜ ପିନ୍ଧି ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଜ୍ୟ ସଂଘର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ପକ୍ଷରୁ ଅଗଷ୍ଟ ୧୬ରୁ ସପ୍ତାହ ବ୍ୟାପୀ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ସମସ୍ତ ଚୁକ୍ତିଭିତ୍ତିକ ଗ୍ରୁପ ବି, ସି ଏବଂ ଡି କର୍ମଚାରୀମାନେ କଳାବ୍ୟାଜ ପରିଧାନ କରିବା ସହିତ ଶାନ୍ତିପୂର୍ଣ୍ଣ ଭାବେ ନିଜର ଯଥୋଚିତ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଛନ୍ତି। ଉକ୍ତ ବିକ୍ଷୋଭରେ ଶିକ୍ଷା, ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ, ରାଜସ୍ୱ, ବାଣିଜ୍ୟ ଓ ପରିବହନ, ସାମାଜିକ ସୁରକ୍ଷା, କୃଷି ଏବଂ ପଶୁସମ୍ପଦ, ଜଙ୍ଗଲ ଏବଂ ପରିବେଶ ଓ ଶ୍ରମ ଆଦି ବିଭିନ୍ନ ବିଭାଗରୁ କାର୍ଯ୍ୟରତ କର୍ମଚାରୀମାନେ ସାମିଲ ହୋଇଥିଲେ। ସେମାନେ ଜିଲା ମୁଖ୍ୟ ଦପ୍ତର ଓ ପ୍ରତ୍ୟେକ ବ୍ଲକଠାରୁ ଆରମ୍ଭ କରି ପଞ୍ଚାୟତରେ କାର୍ଯ୍ୟରତ ସମସ୍ତ ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ନିଜ ନିଜ ଦପ୍ତରରେ କଳାବ୍ୟାଜ ପରିଧାନ ସହ ବିକ୍ଷୋଭରେ ସାମିଲ ହୋଇଥିଲେ।

ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଏବଂ ଚୁକ୍ତି ଭିତ୍ତିକ ସମୟକୁ ମୂଳ ଚାକିରିରେ ସଂଯୋଗ ଦାବି ସହ ଚୁକ୍ତିଭିତ୍ତିକ ନିଯୁକ୍ତି ସମୟରେ ମହଙ୍ଗା ଭତ୍ତା, ଘରଭଡା ଏବଂ ସମସ୍ତ ଆନୁଷଙ୍ଗିକ ସୁବିଧା ଇତ୍ୟାଦି ନେଇ କଳାବ୍ୟାଜ ପରିଧାନ ଏବଂ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ସାରା ରାଜ୍ୟରେ ୧୬ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ସମୟ ମଧ୍ୟରେ ରାଜ୍ୟ ସରକାର ଯଦି ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘକୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ସେମାନଙ୍କ ଦାବିଗୁଡିକୁ ପୂରଣ ନ କରନ୍ତି, ତେବେ ମହାସଂଘ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ରାଜ୍ୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଭୁବନେଶ୍ୱରରେ ବୃହତ୍ ଆନ୍ଦୋଳନ କରିବ ବୋଲି ମହାସଂଘ କନ୍ଧମାଳ ଜିଲା ସଭାପତି ଅଶୋକ କୁମାର ଗଉଡ ପ୍ରକାଶ କରିଛନ୍ତି ।

# ସଙ୍କୁଚିତ ସ୍ମାର୍ଟ ରାସ୍ତା ସମ୍ପୂର୍ଣ୍ଣ ପାଇଁ ୨ ମାସ ବଢ଼ିଲା ଅବଧି

ବ୍ରହ୍ମପୁର ଅଫିସ,୧୯।୮

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରର ୫ଟି ସ୍ଥାନରେ ସ୍ମାର୍ଟ ରାସ୍ତା କାର୍ଯ୍ୟ ଚାଲିଛି। କିନ୍ତୁ ଏଥି ନିମନ୍ତେ ଅବଧି ସମୟ ଶେଷ ହୋଇଥିବା ସତ୍ତ୍ୱେ ଏ ଯାଏ କୌଣସି ଗୋଟିଏ ବି ରାସ୍ତା କାର୍ଯ୍ୟ ଶେଷ ହୋଇ ନାହିଁ। ଏଣୁ କାର୍ଯ୍ୟ ସମ୍ପୂର୍ଣ୍ଣ ନିମନ୍ତେ ୨ ମାସ ଅବଧି ବୃଦ୍ଧି କରାଯାଇଥିବା ସେ କହିଛନ୍ତି। ଅନ୍ୟପଟେ କେତେବେଳେ ରାସ୍ତା କାର୍ଯ୍ୟ ଚାଲୁ ରହିଥିବା ବେଳେ ଆଉ କେଉଁଠାରେ ବନ୍ଦ ହୋଇଛି। ଫଳରେ ସହରବାସୀ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳରେ ନିଜର ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ବିଭିନ୍ନ ଗଳିକନ୍ଦି ରାସ୍ତା ଦେଇ ଯିବାକୁ ପଡୁଛି। ଦୀର୍ଘ ଦିନ ଧରି କାର୍ଯ୍ୟ ଲାଗି ରହିଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ତେବେ ସହରରେ ୫ଟି ସ୍ଥାନରେ ନିର୍ମାଣାଧୀନ ରାସ୍ତା ପ୍ରଶସ୍ତୀକରଣ ବଦଳରେ ସଙ୍କୁଚିତ ହୋଇଛି। ଆଗାମୀ ଦିନରେ ଯାନବାହନ ଯାତାୟାତରେ ସମସ୍ୟା ସୃଷ୍ଟି କରିବ ବୋଲି ମତ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ବିଏମ୍‌ସି ପକ୍ଷରୁ ୩ କୋଟି ୫୩ଲକ୍ଷ ୪୩ହଜାର ୧୩୫ ଟଙ୍କା ବ୍ୟୟରେ ସୁବାରାଓ ଛକଠାରୁ ଷ୍ଟେଟ ବ୍ୟାଙ୍କ ଓ ସେଣ୍ଟ ଭିନ୍‌ସେଣ୍ଟ ସ୍କୁଲ ସ୍ମାର୍ଟ ରାସ୍ତା ନିର୍ମାଣ ଚାଲିଛି। ଏହାର ଲମ୍ବ ୬୦୦ ମିଟର। ସେହିଭଳି ୩ କୋଟି ୮୦ ଲକ୍ଷ ୯୦ ହଜାର ୯୦୭ ଟଙ୍କା


ଗାନ୍ଧୀନଗର ସ୍ମାର୍ଟ ରାସ୍ତା।

ବ୍ୟୟରେ ୭୩୦ ମିଟର ବିଶିଷ୍ଟ ଅନ୍ନପୂର୍ଣ୍ଣା ମାର୍କେଟଠାରୁ ବିଶାଳ ମେଗା ମାର୍ଟ ରାସ୍ତା, ୨ କୋଟି ୨୬ ଲକ୍ଷ ୫୯ ହଜାର ୮୦୦ ଟଙ୍କା ବ୍ୟୟରେ ୫୫୫ ମିଟର ରାସ୍ତା, ୩ କୋଟି ୫ ଲକ୍ଷ ୩୧ ହଜାର ଟଙ୍କା ବ୍ୟୟରେ ୫୨୦ ମିଟର ରାସ୍ତା, ୨ କୋଟି ୧୦ ଲକ୍ଷ ୭୯ ହଜାର ଟଙ୍କା ବ୍ୟୟରେ ୫୧୦ ମିଟର ବିଶିଷ୍ଟ ସ୍ମାର୍ଟ ରାସ୍ତା ନିର୍ମାଣାଧୀନ ରହିଛି। ଏହି ସବୁରେ ପେଭର, ଫୁଟପାଥ ପେଭର ବ୍ଲକ, ସାଇକେଲ ଟ୍ରାକ୍, ରାସ୍ତା ଦୁଇ ପାର୍ଶ୍ୱରେ ଆରସିସି ଡ୍ରେନ, ପାର୍କିଂ ଓ ସବୁଜୀକରଣ, ୱାଲ ପେଣ୍ଟିଂ, ୧ମିଟର ବିଶିଷ୍ଟ ୱାକିଂ ଟ୍ରାକ, ୨ଟି କଲଭର୍ଟ ଓ ଡ୍ରେନେଜରେ ଘୋଡଣିର ବ୍ୟବସ୍ଥା ରହିବ। ରାସ୍ତା କାର୍ଯ୍ୟ ନିମନ୍ତେ ୨୦୨୧ ଡିସେମ୍ବର ୨୬ରେ ଶିଳାନ୍ୟାସ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟ ସରିବା ପାଇଁ ୩ ମାସ ଅବଧି ରଖାଯାଇଥିଲା। କିନ୍ତୁ ଧାର୍ଯ୍ୟ ସମୟ ମଧ୍ୟରେ ସରିଲା ନାହିଁ। ଫଳରେ ବିଏମ୍‌ସି ପକ୍ଷରୁ ଜୁନ ୧୫ ଯାଏ ସମୟ ଅବଧି ବୃଦ୍ଧି କରାଯାଇଥିଲା। ଅବଧି ସମୟ ଶେଷ ହୋଇ ୧ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ନ ଥିବା ଦେଖିବାକୁ ମିଳିଛି। ତେବେ ସ୍ମାର୍ଟ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବା ପାଇଁ ସମୟ ସୀମା ୨ ମାସ ବୃଦ୍ଧି କରାଯାଇଥିବା ସୂଚନା ମିଳିଛି। ଆସନ୍ତା ଅକ୍ଟୋବରରେ ଶେଷ ହେବ ବୋଲି ବିଏମ୍‌ସି ପକ୍ଷରୁ ଆଶା ପୋଷଣ କରାଯାଇଛି। ଏ ନେଇ କନିଷ୍ଠ ଯନ୍ତ୍ରୀ ତପନ କୁମାର ରଥଙ୍କ ସହ ଯୋଗାଯୋଗ ବେଳେ କହିଛନ୍ତି, ରାସ୍ତା ୨ ପାର୍ଶ୍ୱରେ ପାର୍କିଂ ସୁବିଧା ସହ ଡ୍ରେନେଜ୍ ବ୍ୟବସ୍ଥା କରାଯାଇଛି। ଯାହାଦ୍ୱାରା ସହରବାସୀ ଉପକୃତ ହୋଇପାରିବେ। ରାସ୍ତା ସଙ୍କୁଚିତ ହୋଇ ନାହିଁ। ସ୍ମାର୍ଟ ରାସ୍ତା ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ସର୍ବସାଧାରଣ ଯାତାୟାତ ନିମନ୍ତେ ସୁଗମ ରାସ୍ତା ରହିଛି। ଲଗାଣ ବର୍ଷା ଓ ବିଭିନ୍ନ ସମସ୍ୟାରୁ କାର୍ଯ୍ୟରେ ବାଧା ଉପୁଜୁଛି। ଏଣୁ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ନିମନ୍ତେ ୨ ମାସ ଅବଧି ବୃଦ୍ଧି କରାଯାଇଥିବା ସେ କହିଛନ୍ତି।

# ମା, ପୁଅଙ୍କୁ ଆକ୍ରମଣ: ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୧୯।୮


ଗିରଫ ଯୁବକ

ଜଣେ ମହିଳା ଓ ତାଙ୍କ ପୁଅଙ୍କୁ ଆକ୍ରମଣ ଅଭିଯୋଗରେ ସଦର ଥାନା ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ମସିହାଖାଲି ଗ୍ରାମର ଗୋପାଳ ପାତ୍ର(୩୦)। ଗୋପାଳଙ୍କ ନାଁରେ ଏକାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ପୋଲିସ ଘଟଣା ବେଳେ ବ୍ୟବହୃତ ହୋଇଥିବା ଏକ ଠେଙ୍ଗା ଜବତ କରିଛି। ମାମଲା ନମ୍ବର ୩୬୪/୨୨ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଗୋପାଳ ଗତ ରାଖୀ ପୂର୍ଣ୍ଣିମା ଦିନ ତାଙ୍କ ଅଜାଘର ଯୋଗୀଆପଲ୍ଲୀ ଯାଇଥିଲେ। ସେଠାରେ ଥିବା ବେଳେ ଗତ ୧୭ ତାରିଖ ରାତି ସାଢ଼େ ୯ଟାରେ ଏକ ଅଟୋରିକ୍ସା ଭଙ୍ଗାରୁଜା କରୁଥିଲେ। ପୁଅର ଅଟୋ ଭାଙ୍ଗୁଥିବା ବେଳେ ଚାଳକଙ୍କ ମା' ଏହାର ପ୍ରତିବାଦ କରିଥିଲେ। ଗୋପାଳ ଏଥିରେ ଉତ୍‌କ୍ଷିପ୍ତ ହୋଇ ମହିଳାଙ୍କୁ ମାରପିଟ ସହ ସେଠାରେ ତାଙ୍କୁ ଅସଦାଚରଣ କରିଥିଲେ। ଏହା ଦେଖି ତାଙ୍କ ପୁଅ ମଧ୍ୟ ସେଠାରେ ପହଞ୍ଚି ମୋ ମା'ଙ୍କୁ କାହିଁକି ଆକ୍ରମଣ କରୁଛ ବୋଲି ପଚାରିଥିଲେ। ହେଲେ ଗୋପାଳ ଏକ ଠେଙ୍ଗାରେ ଉକ୍ତ ମହିଳାଙ୍କ ପୁଅଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇ ଅଚେତ ହୋଇ ପଡ଼ିଥିଲେ। ପରେ ଉଭୟ ମା' ଓ ତାଙ୍କ ପୁଅଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପୋଲିସ ମେଡିକାଲରେ ପହଞ୍ଚିଥିଲା। ଏନେଇ ଅଭିଯୋଗ ହେବା ପରେ ଘଟଣାର ଅନୁସନ୍ଧାନ କରି ଅଭିଯୁକ୍ତ ଗୋପାଳଙ୍କୁ ଗିରଫ କରିଥିଲା ବୋଲି କହିଛି।

# ଟିପିଏସ୍‌ଓଡିଏଲ୍‌ର ଠକାମି ମେସେଜ ସମ୍ପର୍କିତ ସତର୍କ ସୂଚନା

ବ୍ରହ୍ମପୁର ଅଫିସ,୧୯।୮

ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏସ୍‌ଓଡିଏଲ) ପକ୍ଷରୁ ଗ୍ରାହକଙ୍କ ନିମନ୍ତେ ଠକାମି ମେସେଜ୍ ସମ୍ପର୍କିତ ସତର୍କ ସୂଚନା ଜାରି ସହ ସତର୍କ କରାଯାଇଛି। ଗ୍ରାହକଙ୍କ ପୂର୍ବ ମାସର ବିଦ୍ୟୁତ୍ ବିଲ୍ ଅପଡେଟ ହୋଇ ନ ଥିବା ବାହାନା କରି କିଛି ଅସାଧୁ ବ୍ୟକ୍ତି ବିଦ୍ୟୁତ ବିଚ୍ଛିନ୍ନ କରିବା ସମ୍ପର୍କିତ ମେସେଜ ପଠାଉଛନ୍ତି। ଏକ ଅଜଣା ନଂ–୯୮୮୩୨୧୪୧୯୨ରେ ଇଲେକ୍ଟ୍ରିସିଟି ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ କୁହାଯାଉଛି। ଯାହାକି ସଂପୂର୍ଣ୍ଣ ଜାଲିଆତି ବୋଲି ଟିପିଏସ୍‌ଓଡିଏଲ ପକ୍ଷରୁ କୁହାଯାଇଛି। ଏଭଳି ମେସେଜ ଓ କଲ୍ ବିଷୟରେ ପ୍ରତିକ୍ରିୟା ପ୍ରଦାନ ପୂର୍ବରୁ କଡା ସତର୍କତା ଅବଲମ୍ବନ କରିବାକୁ ଟିପିଏସ୍‌ଓଡିଏଲ ପକ୍ଷରୁ ସମସ୍ତ ଗ୍ରାହକଙ୍କୁ କୁହାଯାଇଛି। ପେମେଣ୍ଟ ସିକ୍ୟୁରିଟି ସମୟରେ ଏକଜିକ୍ୟୁଟିଭିଙ୍କୁ କୌଣସି ପାସ୍‌ୱାର୍ଡ, ଓଟିପି, ବ୍ୟାଙ୍କ ବିବରଣୀ ଦେବା ଓ ମୋବାଇଲ ସ୍କ୍ରିନ ଶେୟାର କରିବାକୁ କମ୍ପାନୀ କୌଣସି ଗ୍ରାହକଙ୍କୁ କହି ନ ଥାଏ। ବିଲ୍ ପାଇଁ କେବଳ ସ୍ୱୀକୃତିପ୍ରାପ୍ତ ପେମେଣ୍ଟ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ଟିପିଏସ୍‌ଓଡିଏଲ ସଂପର୍କିତ ଦେୟମୁକ୍ତ ନଂ–୧୮୦୦୩୪୫୬୭୯୭ ଏକକ ସମାଧାନ ସ୍ଥଳ ବୋଲି କୁହାଯାଇଛି। ଏ ନେଇ ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅରବିନ୍ଦ ସିଂ କହିଛନ୍ତି, ଠକାମି ମେସେଜ ଉପରେ ଆମେ କଡା ନଜର ରଖିଛୁ। ଏଭଳି ବିଷୟ ଉପରେ ଗ୍ରାହକଙ୍କୁ ସତର୍କ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ସମସ୍ତ ଅଭିଯୋଗ ପାଇଁ ସମାଧାନ ରହିଛି। ଏଣୁ ଯେ କୌଣସି ଆପତ୍ତି ଅଭିଯୋଗ ପାଇଁ ଗ୍ରାହକମାନେ ସ୍ୱୀକୃତି ପ୍ରାପ୍ତ ମାଧ୍ୟମକୁ ବ୍ୟବହାର କରିବେ ।

# ବ୍ରହ୍ମପୁରରେ ହେବ ସିପିଆଇ ଜିଲା ସମ୍ମିଳନୀ

ବ୍ରହ୍ମପୁର ଅଫିସ,୧୯।୮

ସିପିଆଇ (ଭାରତୀୟ କମ୍ୟୁନିଷ୍ଟ ପାର୍ଟି) ବ୍ରହ୍ମପୁର ଆଞ୍ଚଳିକ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ସେପ୍ଟମ୍ବର ୩ରୁ ହେବାକୁ ଥିବା ଦୁଇଦିନିଆ ଗଞ୍ଜାମ ଜିଲା ସମ୍ମିଳନୀ ସ୍ଥାନୀୟ ପ୍ରକାଶମ୍ ହଲରେ କରାଯିବାର ଚୂଡ଼ାନ୍ତ ହୋଇଥିଲା। ଏହାକୁ ସଫଳ କରିବା ଲାଗି ଏକ ଅଭ୍ୟର୍ଥନା କମିଟି ଗଠନ ହୋଇଛି। ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରଶାନ୍ତ ପାଢୀଯୋଷୀଙ୍କୁ ଅଧ୍ୟକ୍ଷ କରାଯାଇଛି। ରାମଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଜିଲା ସମ୍ମିଳନୀରେ ଯୋଗଦେବାକୁ ଆଞ୍ଚଳିକ ପରିଷଦରୁ ୭ ଜଣଙ୍କୁ ମନୋନୀତ କରାଯାଇଥିଲା।


ବୈଠକରେ ଉପସ୍ଥିତ ସିପିଆଇ କର୍ମକର୍ତ୍ତା

### ସେପ୍ଟେମ୍ବର ୩ରୁ ଦୁଇଦିନ ଚାଲିବ

ବୈଠକରେ ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ରାଜ୍ୟ ନେତା ରମେଶ ପାଢ଼ୀ, ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସଭାପତି ପ୍ରଦୀପ ସେଠୀ, ଅଭ୍ୟର୍ଥନା କମିଟି ସାଧାରଣ ସମ୍ପାଦକ କାମଦେବ ନାହାକ, ସମ୍ପାଦିକା ପ୍ରତିମା କୁମାରୀ ଦେବୀ, ସମ୍ପାଦକ ରୋହିତ ବିଶୋୟୀ, କୋଷାଧ୍ୟକ୍ଷ ଏ. ସୁଧୀର ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଆଲୋଚନାରେ ନୀଳକଣ୍ଠ ଦାସ ଓ ଅନ୍ୟମାନେ ଭାଗ ନେଇଥିଲେ।

# ମହିଳାଙ୍କୁ ନିର୍ଯାତନା, ଥାନାରେ ମାମଲା

ବ୍ରହ୍ମପୁର ଅଫିସ,୧୯।୮

ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେଉଥିବା ନେଇ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୪୮/୨୨ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରୁଛି। ପ୍ରକାଶ ଯେ, ୨୦୧୭ରେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲୋଚାପଡ଼ା କଲୁଆ ନଗରର ଟି. ଲିଟୁ ପାତ୍ର ବୈଦିକ ରୀତିରେ ଟି.କୋକିଳ ପାତ୍ରଙ୍କୁ ବିବାହ କରିଥିଲେ। କନ୍ୟା ପିତାଙ୍କ ତରଫରୁ ଯୌତୁକ ବାବଦକୁ ସୁନାଗହଣା, ଲକ୍ଷାଧିକ ଟଙ୍କା ଓ ଘରକରଣା ସାମଗ୍ରୀ ଦିଆଯାଇଥିଲା। ବିବାହର କିଛି ମାସ ପରେ ଲିଟୁ ତାଙ୍କ ସ୍ତ୍ରୀଙ୍କୁ ବିଭିନ୍ନ କାରଣକୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଘରୁ ତଡି ଦେଇଥିଲେ। ପରେ ଉଭୟ ପକ୍ଷର ମଧ୍ୟସ୍ଥଙ୍କ ଉପସ୍ଥିତିରେ ଏହାର ସମାଧାନ ହୋଇଥିଲା। ଲିଟୁ ମଧ୍ୟସ୍ଥଙ୍କ କଥାକୁ ମାନିବି ବୋଲି ସ୍ୱୀକୃତି ଦେଇ ସ୍ତ୍ରୀ' କୋକିଳଙ୍କୁ ଘରକୁ ନେଇଥିଲେ। ଏହାର କିଛିଦିନ ପରେ ପୁଣିଥରେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଶେଷରେ ବାଧ୍ୟହୋଇ ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କ ବିରୋଧରେ ଏନେଇ ମହିଳା ଥାନାରେ ଅଭିଯୋଗ କରିଥିଲେ।

# ଛାତ୍ରଙ୍କୁ ଅପହରଣ ଅଭିଯୋଗରେ ୩ ଗିରଫ

ବ୍ରହ୍ମପୁର ଅଫିସ,୧୯।୮

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡ଼ାସିଂ ଛକରୁ ଜଣେ ଛାତ୍ରଙ୍କୁ ଗତ ୧୬ ତାରିଖରେ ଅପହରଣ କରି ତାଙ୍କୁ ଆକ୍ରମଣ ହୋଇଥିଲା। ପୋଲିସ ଶୁକ୍ରବାର ୩ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ଜୁଗୁଡ଼ି ଗ୍ରାମର ରାମକୃଷ୍ଣ ଗୌଡ଼, ଗୋପାଳପୁର ଥାନା ଶୀତଳାପଲ୍ଲୀର ନୀଳାଞ୍ଚଳ ସେଠୀ ଓ ବଡ଼କୁସସ୍ଥଳୀ ଗ୍ରାମର ସୁନୀଲ ସେଠୀ। ଆକ୍ରମଣରେ ବ୍ୟବହୃତ ଲୁହାଛଡ଼. ଓ ଅପହରଣରେ ବ୍ୟବହୃତ ବାଇକ୍ ପୋଲିସ ଜବତ କରିଛି। ମାମଲା ନମ୍ବର ୨୮୫/୨୨ରେ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଦୀପୁ ବିଶ୍ୱାଳ ଗତ ୧୬ ତାରିଖରେ ତାଙ୍କର ଅନ୍ୟ ଦୁଇଜଣ ସାଙ୍ଗକୁ ନେଇ ବାଇକ୍‌ରେ କଲେଜ ଯାଉଥିଲେ। ସେମାନେ ଖୋଡ଼ାସିଂ ଦେଇ ଯାଉଥିବା ବେଳେ ତାଙ୍କୁ କେତେକ ଯୁବକ ଅଟକାଇ ଏକ ଲୁହାଛଡ଼ରେ ଆକ୍ରମଣ କରିଥିଲେ। ସେମାନେ ଦୀପୁଙ୍କୁ ଅପହରଣ କରି ନେଇଥିଲେ। କିଛି ଘଣ୍ଟା ପରେ ଦୀପୁଙ୍କୁ ଆଣି ଖୋଡ଼ାସିଂ ଛକରେ ଛାଡ଼ି ଦେଇଥିଲେ। ତାଙ୍କ ସହ ଥିବା ସାଙ୍ଗ ପି. ଚିନ୍ନା ଦୋରା ଓ ସ୍ୱାମୀ ରେଡ୍ଡୀ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# କଂଗ୍ରେସର ଜାତୀୟ ରାଜପଥ ଅବରୋଧ

ବ୍ରହ୍ମପୁର ଅଫିସ,୧୯।୮

ଗଞ୍ଜାମ ଜିଲା ଜଗନ୍ନାଥପୁର ନିକଟ ପୋକଡ଼ିବନ୍ଧ ଛକରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ମଧ୍ୟାହ୍ନ ୧୨ରୁ ଘଣ୍ଟାକ ପାଇଁ ହୋଇଥିବା ଆନ୍ଦୋଳନ ଯୋଗୁ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା। ଛତ୍ରପୁର, ଜଗନ୍ନାଥପୁର, କନିଷି, ଚମାଖଣ୍ଡି, ଗୋଳନ୍ଥରା, ଭୈରବୀ ଛକ, ରଣ୍ଡା ଛକ ସମେତ ୧୮ ସ୍ଥାନରେ କେନ୍ଦ୍ର ସରକାର ଓଭରବ୍ରିଜ୍ ଓ ଗଳାଶଙ୍ଖ ନିର୍ମାଣ କରିବା ଦାବି ନେଇ ଏହା ହୋଇଥିଲା। ପିସିସିର ଅନ୍ୟତମ ସମ୍ପାଦକ ଶମ୍ଭୁ ପାଣିଗ୍ରାହୀ ଏହାର ନେତୃତ୍ୱ ନେଇଥିଲେ। ପିସିସି ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମେତ ଅମିୟ ପାଣ୍ଡବ ଓ ବିଶ୍ୱରଞ୍ଜନ ଦାସ, ଜିଲା ମଜଦୁର କଂଗ୍ରେସ ସଭାପତି ପୀତବାସ ପଣ୍ଡା ସାମିଲ ହୋଇଥିଲେ। ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ କଡ଼ାକଡ଼ି ପଦକ୍ଷେପ ନିଆଯାଇଥିଲା। ତେବେ ଜିଲା କମିଟି କର୍ମକର୍ତ୍ତାଙ୍କ ଅନୁପସ୍ଥିତି ରାଜନୈତିକ ଚର୍ଚ୍ଚାର ବିଷୟ ପାଲଟିଥିଲା।

ଆନ୍ଦୋଳନକାରୀଙ୍କ ପକ୍ଷରୁ କୁହାଯାଇଛି, ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ଜିଲାର ବିଭିନ୍ନ ସ୍ଥାନରେ ସଡ଼କ ଦୁର୍ଘଟଣା ବଢ଼ି ଚାଲିଛି ଓ ଅକାଳରେ ଜୀବନ ଯାଉଛି। ତେଣୁ ଚିହ୍ନଟ ଛକଗୁଡ଼ିକରେ ଲୋକେ ରାସ୍ତା ପାର ହେବା ପାଇଁ ଓଭରବ୍ରିଜ୍ ନିର୍ମାଣ ଲାଗି ଦୀର୍ଘବର୍ଷରୁ ବହୁବାର ହୋଇଥିବା ନ୍ୟାଯ୍ୟ ଦାବି ପ୍ରତି କେନ୍ଦ୍ର ସରକାର ଆଖିବୁଜି ଦେଇଛନ୍ତି। ଏହାର ପ୍ରତିବାଦରେ ମାତ୍ର ଘଣ୍ଟାକ ପାଇଁ ହୋଇଥିବା ରାସ୍ତା ଅବରୋଧ ଆନ୍ଦୋଳନ ସଫଳ ହୋଇଥିବା ସୂଚନା ଦିଆଯାଇଛି। ଦାବି ପୂରଣ ଲାଗି ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନ କରାଯିବାର ଚେତାବନୀ ଦିଆଯାଇଛି।

# ଜନ୍ମାଷ୍ଟମୀ, ନନ୍ଦୋତ୍ସବ ପାଳିତ

ବ୍ରହ୍ମପୁର ଅଫିସ,୧୯।୮

ରେଶମ ସହର ବ୍ରହ୍ମପୁରରେ ଶୁକ୍ରବାର ନନ୍ଦ ଉତ୍ସବ ପାଳିତ ହୋଇଛି। ମନ୍ଦିରରେ ନନ୍ଦ ମହୋତ୍ସବ ପାଳନ ନିମନ୍ତେ ଭକ୍ତ ଓ ମାନସିକ ଧାରୀଙ୍କ ଭିଡ଼ ଜମିଥିଲା। ସହରର ଗୋଷାଣୀନୂଆଗାଁ ଗୋକୁଳଧାମ ମନ୍ଦିରରେ ତୁଳସୀ, ଦୟଣା ଓ ଫୁଲରେ ପ୍ରସ୍ତୁତ ହୋଇଥିବା ଝୁଲା ପ୍ରସ୍ତୁତ କରାଯାଇଥିଲା। ଏଥିରେ ବିଭିନ୍ନ ରଙ୍ଗର ଲାଇଟ ଲଗାଇ ଅଧିକ ଆକର୍ଷଣୀୟ କରାଯାଇଥିଲା। ଭକ୍ତମାନେ ମନ୍ଦିରରେ ବାଳକୃଷ୍ଣଙ୍କୁ ଝୁଲାଇଥିଲେ। ମନ୍ଦିର ପକ୍ଷରୁ ଶ୍ରୀକୃଷ୍ଣଙ୍କ ପସନ୍ଦର ୫୬ ଭୋଗ ଲାଗି କରାଯାଇଥିଲା। ମନ୍ଦିରରେ ଛୋଟ ଶିଶୁମାନେ ଶ୍ରୀକୃଷ୍ଣ ବେଶରେ ସଜ୍ଜିତ ହୋଇ ବାଳକୃଷ୍ଣଙ୍କ ଦର୍ଶନ କରିଥିଲେ। ଗୋକୁଳଧାମ ମନ୍ଦିରରେ ଜନ୍ମାଷ୍ଟମୀ ଓ ନନ୍ଦ ମହୋତ୍ସବ ଅବସରରେ ୨୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା ମୁଖ୍ୟ ପୂଜକ ପ୍ରଦୀପ ଗୋସାଇଁ କହିଥିଲେ। ସେହିପରି ଗଞ୍ଜାମ ଜିଲା ଷୋହଳଖଣ୍ଡ ସମାଜ ବ୍ରହ୍ମପୁର ତାଲୁକା ପକ୍ଷରୁ ଚାଚାନେହେରୁ କଲ୍ୟାଣ ମଣ୍ଡପ ଠାରେ ନନ୍ଦୋମହୋତ୍ସବ ପାଳିତ ହୋଇଥିଲା।


ଗୋଷାଣୀ ନୂଆଗାଁ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ


ବଡ଼ିଆଉସ୍ତା ଦିବ୍ୟଜୀବନ ସଂଘ ପକ୍ଷରୁ ଜନ୍ମାଷ୍ଟମୀ ଅବସରରେ ଭଗବତ ପାଠୋତ୍ସବ ।

ଏଥିରେ ଅନୁଷ୍ଠାନ ସଭାପତି ମୁକୁନ୍ଦ ଗୌଡ଼ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଅନ୍ୟତମ ଅତିଥି ମେୟର ସଂଘମିତ୍ରା ଦଳାଇ, ଡ଼େପୁଟି ମେୟର ଇ.ବିବେକ ରେଡ୍ଡୀ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ଓ କର୍ପୋରେଟର ମଳୟ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

ଗୋଷାଣୀନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନଆଚାର୍ଯ୍ୟ ନାରାୟଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଶିମିଳି ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୌଦାମିନୀ ମିଶ୍ର ସମ୍ମାନିତ ଅତିଥି ଓ ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟ ସଭାପତି ପ୍ରଦୀପ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ ଶ୍ରୀକୃଷ୍ଣଙ୍କ ଜନ୍ମବୃତ୍ତାନ୍ତ ଓ ତାଙ୍କ ବାଲ୍ୟଲୀଳା ବର୍ଣ୍ଣନା କରିଥିଲେ। ପରେ ବିଦ୍ୟାଳୟର ଶିଶୁ ଭାଇ ଓ ଭଉଣୀମାନେ ରାଧାକୃଷ୍ଣ, ଗୋପାଳ ଓ ଗୋପାଙ୍ଗନା ବେଶରେ ସଜ୍ଜିତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ଯୁଗ୍ମସମ୍ପାଦିକା ମନୋଜ ମଞ୍ଜରୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ବଡ଼ିଆଉସ୍ତା ଦିବ୍ୟଜୀବନ ସଂଘ ପକ୍ଷରୁ ଚିଦାନନ୍ଦ ଆଶ୍ରମଠାରେ ଜନ୍ମାଷ୍ଟମୀ ପାଳିତ ହୋଇଥିଲା। ଏଥିରେ ଅଲାରିଗଡ଼, ନିମ୍ନିପୁର, ଅ.ଚନ୍ଦ୍ରମଣିପୁର, ବଡିଆଉସ୍ତା, ଦୟାନିଧିପୁର, ରୋହିଗାଁ, ପଦ୍ମତୋଳା, ପାଣ୍ଡିଆଖୋଲି, ସିଦ୍ଧଖଣ୍ଡି,ଆମ୍ଭଠା ତଥା ଆଖପାଖ ଗାଁରୁ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସଂଘ ସଭାପତି ସ୍ୱାମୀ ରାମଦାସାନନ୍ଦଙ୍କ ଅଧ୍ୟକ୍ଷତାରେ ଜନ୍ମାଷ୍ଟମୀ ପାଳିତ ହୋଇଥିଲା। ଏହି ଉପଲକ୍ଷେ ପ୍ରାତଃ ବ୍ରାହ୍ମମୁହୂର୍ତ୍ତ ସାଧନା, ଶ୍ରୀଗୁରୁପାଦ ପୂଜା, ଶ୍ରୀ ବିଷ୍ଣୁ ସହସ୍ରନାମ, ଲକ୍ଷେ ଅର୍ଚ୍ଚନା ଓ ଏକ ପ୍ରହର ମହାମନ୍ତ୍ର ବିଶ୍ୱ ଶାନ୍ତି ଉପଲକ୍ଷେ ଅନୁଷ୍ଠିତ ହୋଇଥିଲା। ଭକ୍ତଙ୍କ ଦ୍ୱାରା ନାମସଂକୀର୍ତ୍ତନ ଓ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଜନ୍ମାଷ୍ଟମୀ ଅବସରରେ ଭାଗବତର ଦଶମ ସ୍କନ୍ଧ ପାଠ କରାଯାଇଥିଲା। ଶାଖା ସମ୍ପାଦକ ସନ୍ତୋଷ କୁମାର ପାଣିଗ୍ରାହୀ, ସଙ୍ଘ ସଂଗଠକ ତ୍ରିଲୋଚନ ପଟ୍ଟନାୟକ ଓ ପର୍ଶୁରାମ ପାତ୍ର ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।